# NATIONAL NEWS BULLETIN (ODIA)

**8 July- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ବ୍ରାଜିଲ୍ ରାଷ୍ଟ୍ରପତିଙ୍କ ସହ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଆଜି ଆଲୋଚନା କରିବେ ପ୍ରଧାନମନ୍ତ୍ରୀ ।
- ପଞ୍ଚରାଷ୍ଟ୍ରୀୟ ଗସ୍ତର ଶେଷ ପର୍ଯ୍ୟାୟରେ ଆସନ୍ତାକାଲି ନାମ୍ବିଆ ଗସ୍ତ କରିବେ ପ୍ରଧାନମନ୍ତ୍ରୀ
- ତାମିଲନାଡୁରେ ଟ୍ରେନ୍ ସହ ସ୍କୁଲ୍‌ଭ୍ୟାନ୍ ଧକ୍କାରେ ୩ ଜଣଙ୍କ ମୃତ୍ୟୁ ।
- ଶ୍ରୀକ୍ଷେତ୍ର ପୁରୀରେ ଚତୁର୍ଦ୍ଧା ମୂର୍ତ୍ତିଙ୍କର ଆଜି ନିଳାଦ୍ରୀ ବିଜେ ।

ଏବଂ

- ଟେକ୍ସାସ୍‌ରେ ପ୍ରଳୟଙ୍କରୀ ବନ୍ୟା, ୧୦୦ରୁ ଊର୍ଦ୍ଧ୍ୱ ମୃତ

## ପିଏମ୍-ବ୍ରାସିଲିଆ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ବ୍ରାସିଲିଆଠାରେ ବ୍ରାଜିଲ୍ ରାଷ୍ଟ୍ରପତି ଲୁଇସ୍ ଇନାସିଓ ଲୁଲା ଦା ସିଲ୍‌ଭାଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ । ପ୍ରଧାନମନ୍ତ୍ରୀ ରିଓଡି ଜେନେରିଓ ଠାରେ ସପ୍ତଦଶ ବ୍ରିକ୍ସ ସମ୍ମିଳନୀରେ ଯୋଗ ଦେବା ପରେ ବାସିଲିଆଠାରେ ପହଞ୍ଚିଛନ୍ତି । ଏ ସଂପର୍କରେ ଏକ ରିପୋର୍ଟ :

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବ୍ରାସିଲିଆରେ ପହଞ୍ଚିବା ପରେ ବ୍ରାଜିଲର ପାରମ୍ପରିକ ସଂଗୀତ 'ସାମ୍ବାରେଗା' ପ୍ରଦର୍ଶନ ମାଧ୍ୟମରେ ତାଙ୍କୁ ବିମାନ ବନ୍ଦରଠାରେ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା । ପ୍ରଧାନମନ୍ତ୍ରୀଙ୍କୁ

ମଧ୍ୟ ବ୍ରାସିଲିଆରେ ଥିବା ଭାରତୀୟ ବଂଶୋଦ୍ଭବ ସଦସ୍ୟମାନେ ବିମାନ ବନ୍ଦରଠାରେ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ଏହା ଏକ ସ୍ମରଣୀୟ ସ୍ୱାଗତ ସମ୍ବର୍ଦ୍ଧନା ମୁହୂର୍ତ୍ତ ବୋଲି ପ୍ରଧାନମନ୍ତ୍ରୀ ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରିଛନ୍ତି । ସେଠାରେ ଥିବା ଭାରତୀୟ ବଂଶୋଦ୍ଭବ ଭାରତ ସହିତ ନିରନ୍ତର ଯୋଗାଯୋଗରେ ରହିଥିବାରୁ ସେମାନଙ୍କର ବେଶ୍ ପ୍ରଶଂସା କରିଛନ୍ତି ।

ପ୍ରଧାନମନ୍ତ୍ରୀ ମୋଦୀ ସେଠାକାର ରାଷ୍ଟ୍ରପତିଙ୍କ ସହ ଆଜି ବାଣିଜ୍ୟ, ପ୍ରତିରକ୍ଷା, ଶକ୍ତି, ମହାକାଶ, ପ୍ରଯୁକ୍ତିବିଦ୍ୟା, କୃଷି, ସ୍ୱାସ୍ଥ୍ୟ ଏବଂ ଲୋକସମ୍ପର୍କ ଆଦି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବାର ସମ୍ଭାବନା ରହିଛି । ବ୍ରାଜିଲ୍‌ରେ ଅବସ୍ଥାପିତ ଭାରତର ରାଷ୍ଟ୍ରଦୂତ ଦିନେଶ ଭାଟିଆ ପୂର୍ବରୁ ଏ ସମ୍ପର୍କରେ ସୂଚନା ଦେଇ କହିଥିଲେ, ଏହି ଦ୍ୱିପାକ୍ଷିକ ବୈଠକ ଅବସରରେ ଚାରୋଟି ବୁଝାମଣାପତ୍ର ସ୍ୱାକ୍ଷରିତ ହେବାର କାର୍ଯ୍ୟସୂଚୀ ରହିଛି । ଆତଙ୍କବାଦ ବିରୋଧି ପଦକ୍ଷେପ, ପାରସ୍ପରିକ ଗୁପ୍ତ ସୂଚନା ଆଦାନପ୍ରଦାନ, ନବୀକରଣୀୟ ଶକ୍ତି ଏବଂ କୃଷି ଗବେଷଣାରେ ସହଯୋଗ ନେଇ ଏହି ଚୁକ୍ତିପତ୍ର ଗୁଡ଼ିକ ସ୍ୱାକ୍ଷରିତ ହେବ ।

ବ୍ରିକ୍ସ ବୈଠକ ପରେ ସାମାଜିକ ଗଣମାଧମ ପୋଷ୍ଟରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି, ସଦସ୍ୟ ରାଷ୍ଟ୍ର ଗୁଡ଼ିକର ନେତୃବୃନ୍ଦଙ୍କ ସହ ଫଳପ୍ରଦ ଆଲୋଚନା ହୋଇଛି । ବ୍ରିକ୍ସ ଗୋଷ୍ଠିକୁ ଅଧିକ ପ୍ରଭାବଶାଳୀ କରିବା ଲକ୍ଷ୍ୟ ନେଇ ଗ୍ରହଣ କରାଯାଇଥିବା ପଦକ୍ଷେପ ପାଇଁ ଶ୍ରୀ ମୋଦୀ ବ୍ରାଜିଲ୍ ରାଷ୍ଟ୍ରପତି ଏବଂ ସେଠାକାର ସରକାରଙ୍କ ଉଚ୍ଚ ପ୍ରଶଂସା କରିଛନ୍ତି । ବିଭିନ୍ନ ସଦସ୍ୟ ରାଷ୍ଟ୍ର ନେତୃବୃନ୍ଦଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା ଭାରତର ବନ୍ଧୁତାକୁ ଅଧିକ ସୁଦୃଢ଼ କରିବ ବୋଲି ଶ୍ରୀ ମୋଦୀ ଆଶା ପ୍ରକାଶ କରିଛନ୍ତି ।

*ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ସତ୍ୟବ୍ରତ ବେହୁରା*

# ପିଏମ୍-ନାମ୍ବିଆ

ପଞ୍ଚରାଷ୍ଟ୍ରୀୟ ଗସ୍ତର ଶେଷ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ନାମ୍ବିଆର ଓ୍ୱିଣ୍ଡ୍‌ହୋକ୍ ରେ ପହଞ୍ଚିବେ । ପ୍ରଧାନମନ୍ତ୍ରୀ ମୋଦୀଙ୍କ ଏହା ହେଉଛି ନାମ୍ବିଆକୁ ପ୍ରଥମ ଗସ୍ତ ଏବଂ ୨୭ ବର୍ଷ ପରେ ନାମ୍ବିଆକୁ କୌଣସି ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ତୃତୀୟ ଗସ୍ତ। ଏହି ଗସ୍ତ କାଳରେ ପ୍ରଧାନମନ୍ତ୍ରୀ ନାମ୍ବିଆର ରାଷ୍ଟ୍ରପତି ନେତୁମ୍ବୋ ନନ୍ଦୀ ଦାୟିତ୍ୱାହାଙ୍କ ସହିତ ଦ୍ୱିପାକ୍ଷିକ ଆଲୋଚନା କରିବେ । ସେଠାକାର ସଂସଦରେ ଶ୍ରୀ ମୋଦୀ ଉଦ୍‌ବୋଧନ ଦେବାର ମଧ୍ୟ କାର୍ଯ୍ୟକ୍ରମ ରହିଛି । ଏ ସଂପର୍କରେ ଏକ ରିପୋର୍ଟ :

**V/O (Aparna Kunta)**

# ଟ୍ରମ୍ପ-ନେତାନ୍ୟାହୁ

ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ 'ନୋବେଲ ଶାନ୍ତି ପୁରସ୍କାର' ନିମନ୍ତେ ଆମେରିକାର ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପଙ୍କ ନାମ ସୁପାରିଶ୍ କରିଛନ୍ତି । ଶାନ୍ତି ପ୍ରତିଷ୍ଠା ଦିଗରେ ତାଙ୍କର ଭୂମିକା ରହିଥିବା ନେଇ ନେତାନ୍ୟାହୁ ତାଙ୍କ ନାମ ସୁପାରିଶ କରିଥିବା ଜଣାପଡ଼ିଛି । ହ୍ୱାଇଟ୍ ହାଉସ୍ ଠାରେ ପ୍ରଧାନମନ୍ତ୍ରୀ ନେତାନ୍ୟାହୁ, ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପ ସେ ନୋବେଲ କମିଟିକୁ ଦେଇଥିବା ସୁପାରିଶ ପତ୍ରର ଏକ କପି ପ୍ରଦାନ କରିଥିଲେ । ପଶ୍ଚିମ ଏସିଆରେ ଶାନ୍ତି, ସୁରକ୍ଷା ବଜାୟ ରଖିବା ଦିଗରେ ଟ୍ରମ୍ପଙ୍କର ଉଦ୍ୟମକୁ ସେ ପ୍ରଶଂସା କରିଥିଲେ ।

# ନେପାଳ ଫ୍ଲଡ

ନେପାଳର ରାସୁଆ ଜିଲ୍ଲା  ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ଫଶି ରହିଥିବା ୯ ଜଣଙ୍କୁ  ଉଦ୍ଧାରକାରୀ ଦଳ ସୁରକ୍ଷିତ ଭାବେ ଉଦ୍ଧାର କରିଛନ୍ତି । ନେପାଳ -ଚୀନ୍ ସୀମାନ୍ତବର୍ତ୍ତୀ ହେଣ୍ଡେ ନଦୀରେ ବନ୍ୟା ଆସିବା ଯୋଗୁଁ ଏହି ଲୋକମାନେ ସେଠାରେ ଅଟକି ଯାଇଥିଲେ । ୩୭ ଜଣ ଲୋକଙ୍କ ସହିତ ଯୋଗାଯୋଗ ହୋଇପାରି ନଥିଲା । ୨୨ ଜଣ ଆଶ୍ରୟସ୍ଥଳୀରେ ସୁରକ୍ଷିତ ଭାବେ ଆଶ୍ରୟ ନେଇଥିବା ଜଣାପଡ଼ିଛି । ଅବଶିଷ୍ଟ ୧୫ ଜଣଙ୍କୁ ସନ୍ଧାନ କରିବା ଲାଗି ପଦକ୍ଷେପ ନିଆଯାଉଛି ।

ନେପାଳ ଗୃହମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ଖରାପ ପାଣିପାଗ ଯୋଗୁଁ ରେସୁଆ ଅଞ୍ଚଳକୁ ହେଲିକପ୍ଟର ଯୋଗେ  ଉଦ୍ଧାର କାର୍ଯ୍ୟ କରିବା ସମ୍ଭବପର ହୋଇନଥିଲା । ରେସୁଆଁ ରାଜପଥ ବନ୍ୟା ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ଫଳରେ ଉଦ୍ଧାରକାରୀ ଦଳ ସେମାଙ୍କ ଯନ୍ତ୍ରାଂଶ ସହ ସେଠାରେ ପହଞ୍ଚିବା ଲାଗି ସମସ୍ୟା ସୃଷ୍ଟି ହେଉଛି । ରାସୁଆ ଜିଲ୍ଲା ଅନ୍ତର୍ଗତ ନେପାଳ ଓ ଚୀନ୍‌କୁ ଯୋଗାଯୋଗ କରୁଥିବା ମିଟେରିପୋଲ୍  ସେତୁ ଧୋଇ ହୋଇଯିବା ଯୋଗୁଁ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଛି । ଚୀନ୍‌ରେ ପ୍ରବଳ ବର୍ଷା ଯୋଗୁଁ ହେଣ୍ଡେ ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି ।

# ଟେକ୍ସାସ୍ ଫ୍ଲଡ୍

ଯୁକ୍ତରାଷ୍ଟ୍ର ଆମେରିକାର କେନ୍ଦ୍ରୀୟ ଟେକ୍‌ସାସ୍ ଅଞ୍ଚଳରେ ପ୍ରଳୟଙ୍କରୀ ବନ୍ୟାରେ ମୃତ୍ୟୁସଂଖ୍ୟା ୧୦୦ରୁ ଉର୍ଦ୍ଧ୍ୱ ଅତିକ୍ରମ କରିଛି । ଉଦ୍ଧାର କାର୍ଯ୍ୟ ଜାରି ରହିଥିବାରୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା କରାଯାଉଛି ।

କେରୀ ପ୍ରଦେଶରେ ସର୍ବାଧିକ ମୃତ୍ୟୁ ଘଟିଛି । କ୍ୟାମ୍ପ ମିଷ୍ଟିକ୍ ଠାରେ ଗ୍ରୀଷ୍ମକାଳୀନ ଅବକାଶ ଶିବିର ଚାଲିଥିବାରୁ ସେଠାରେ ୨୮ ଜଣଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି । ଟେକ୍ସାସ୍‌ର ଲେଫ୍ଟନାଣ୍ଟ ଗଭର୍ଣ୍ଣର ଡାନ୍ ପାଟ୍ରିକ୍ କହିଛନ୍ତି, ଗ୍ୱାଡାଲୁପେ ନଦୀରେ ବନ୍ୟା ଆସିବା ନେଇ ସତର୍କ ସାଇରନ୍ ଦିଆଯାଇଥିଲେ ବହୁଲୋକଙ୍କର ଜୀବନ ରକ୍ଷା ହୋଇପାରିଥାନ୍ତା । ଆସନ୍ତା ଗ୍ରୀଷ୍ମରେ ସତର୍କ ସୂଚନା ପ୍ରଦାନ ନିମନ୍ତେ ବ୍ୟବସ୍ଥା କରିବା ଲାଗି ପଦକ୍ଷେପ ନିଆଯିବ ବୋଲି ଶ୍ରୀ ପାଟ୍ରିକ୍ କହିଛନ୍ତି ।

## ନିଳାଦ୍ରୀ ବିଜେ

ଶ୍ରୀକ୍ଷେତ୍ର ପୁରୀରେ ନବଦିନାତ୍ମକ ଯାତ୍ରା ଶେଷକରି ଚତୁର୍ଦ୍ଧାମୂର୍ତ୍ତି ଆଜି ନିଳାଦ୍ରୀ ବିଜେ କରିବେ । ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି । ରଥ ଉପରେ ସନ୍ଧ୍ୟା ଆଳତି ଓ ସନ୍ଧ୍ୟାଧୂପ ପରେ ଚାରମାଳ ବନ୍ଧାଯିବ । ଏହା ପରେ ଅପରାହ୍ନ ୪ଟାରୁ ଗୋଟି ପହଣ୍ଡିରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ନିଳାଦ୍ରୀ ବିଜେ ଆରମ୍ଭ ହେବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି । ଆସନ୍ତାକାଲି ଠାରୁ ଭକ୍ତମାନଙ୍କୁ ନୀଳାଚଳ ଅବଢ଼ା ମିଳିବ ।

## ତାମିଲନାଡୁ-ଆକ୍ସିଡେଣ୍ଟ

ତାମିଲନାଡୁର କୁଡାଲୋର ଜିଲ୍ଲା ଅନ୍ତର୍ଗତ ସେମାନକୁପମ୍ ଠାରେ ଆଜି ସକାଳେ ପିଲାମାନଙ୍କୁ ନେଇ ଯାଉଥିବା ଏକ ସ୍କୁଲ୍ ଭ୍ୟାନ୍ ଏକ ମାନବବିହୀନ ଲେବୁଲ୍ କ୍ରସିଂଠାରେ ଭିଲୁପୁରମ୍-ମାଲାଡୁଥୁଆଲ ଟ୍ରେନ୍ ସହିତ ଧକ୍କା ହେବା ଫଳରେ ଗୋଟିଏ ପରିବାରର ୩ ଜଣଙ୍କର ମୃତ୍ୟୁ ଘଟିଛି । ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ ଷ୍ଟାଲିନ୍ ଏହି ଦୁର୍ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାର ପାଇଁ ୫ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି । ସେହିପରି

ଗୁରୁତର ଆହତ ଛାତ୍ରମାନଙ୍କ ପାଇଁ ୧ଲକ୍ଷ ଟଙ୍କା ଏବଂ ସାମାନ୍ୟ ଆହତଙ୍କ ନିମନ୍ତେ ୫୦ ହଜାର ଟଙ୍କାର ସହାୟତା ରାଶି ଘୋଷଣା କରିଛନ୍ତି । ଆହତଙ୍କୁ ପୁଡୁଚେରୀସ୍ଥିତ ଜିପ୍‌ମର୍ ହସ୍ପିଟାଲରେ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଛି । ରେଳ ବିଭାଗର ଗେଟ୍ ଜଗୁଆଳିଙ୍କୁ ସସ୍‌ପେଣ୍ଡ କରାଯାଇଛି । ରେଳବାଇ ପକ୍ଷରୁ ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

## ଅମରନାଥ ଯାତ୍ରା

ଶ୍ରୀ ଅମରନାଥ ଯାତ୍ରାର ଆଜି ହେଉଛି ଷଷ୍ଠ ଦିବସ । ୩୮ଦିନ ଧରି ଚାଲିବାକୁ ଥିବା ଏହି ଯାତ୍ରା ଚଳିତ ମାସ ୩ ତାରିଖଠାରୁ ଆରମ୍ଭ ହୋଇଛି । ଦକ୍ଷିଣ କାଶ୍ମୀରର ଅନନ୍ତନାଗ ଜିଲ୍ଲା ଅନ୍ତର୍ଗତ ନୁନ୍‌ୱାନ ପହଲଗାମ ମୂଳ ଶିବିର ଏବଂ ଗଣ୍ଡରୱାଲ ଜିଲ୍ଲା ଅନ୍ତର୍ଗତ କେନ୍ଦ୍ରୀୟ କାଶ୍ମୀରର ବାଲ୍‌ତାଲ୍ ମୂଳ ଶିବିରରୁ ଯାତ୍ରୀମାନେ ଯାତ୍ରା ଆରମ୍ଭ କରୁଛନ୍ତି । ଅମରନାଥ ଗୁମ୍ଫା ହିମାଳୟର କାଶ୍ମୀର ଅଞ୍ଚଳରୁ ୧୨ ହଜାର ୭୫୬ ଫୁଟ୍ ଉଚ୍ଚତାରେ ଅବସ୍ଥିତ । ଗତ ୫ ଦିନ ମଧ୍ୟରେ ୯୩ ହଜାର ୩୦୦ ଯାତ୍ରୀ ପବିତ୍ର ଅମରନାଥ ଗୁମ୍ଫା ଦର୍ଶନ ପାଇଁ ଯାତ୍ରା ଆରମ୍ଭ କରିଥିବା ସୂଚନା ମିଳିଛି । ପ୍ରତିଦିନ ଜାମ୍ମୁ ମୂଳ ଶିବିରରୁ ବହୁସଂଖ୍ୟାରେ ଯାତ୍ରୀ ଯାତ୍ରା କରୁଛନ୍ତି । ଶ୍ରୀନଗର-ଜାମ୍ମୁ ଜାତୀୟ ରାଜପଥରେ ଯାତ୍ରୀମାନଙ୍କୁ ସୁରକ୍ଷା ଦେବା ଲାଗି କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ।

## ପାଣିପାଗ

ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଛତିଶଗଡ଼, ପୂର୍ବ ରାଜସ୍ଥାନ, ହରିଆଣା, ଚଣ୍ଡୀଗଡ଼, ଦିଲ୍ଲୀ, କୋଙ୍କଣ, ଗୋଆ, ମଧ୍ୟପ୍ରଦେଶ, ଓଡ଼ିଶା

, ପଞ୍ଜାବ ସମେତ ୧୫ଟି ରାଜ୍ୟରେ  ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ସୂଚନା ଦିଆଯାଇଛି । ଦକ୍ଷିଣ-ପଶ୍ଚିମ ଗାଙ୍ଗେୟ ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବା ପରେ କେନ୍ଦ୍ରୀୟ ଏବଂ ପୂର୍ବ ଭାରତର ଅଧିକାଂଶ ଅଞ୍ଚଳରେ  ଆସନ୍ତା ୩ ଦିନ ମଧ୍ୟରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି ବୋଲି ପୂର୍ବାନୁମାନ କରାଯାଇଛି । ସେହିପରି ଆସନ୍ତା ୪ ଦିନ ମଧ୍ୟରେ ଦେଶର ଉତ୍ତର-ପଶ୍ଚିମ ଭାଗ ଏବଂ ପଶ୍ଚିମ ଉପକୂଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଅପରପକ୍ଷେ ରାଜଧାନୀ ଦିଲ୍ଲୀ ଅଞ୍ଚଳରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

.................................................................................